## ପଞ୍ଚମୁଖୀ ହନୁମାନ ମନ୍ଦିରର ପ୍ରତିଷ୍ଠା ଦିବସ



କରଞ୍ଜିଆ,୨୮।୧(ସମିସ): କରଞ୍ଜିଆ ବ୍ଲକ୍ କଙ୍କଡ଼ା ଗ୍ରାମସ୍ଥିତ ଚନ୍ଦ୍ରିକା ଆଗ୍ରୋ ଫୁଡ୍ ଅନୁଷ୍ଠାନ ନିକଟରେ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିରର ୯ମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। କଙ୍କଡ଼ା ଗ୍ରାମରେ ଥିବା ଜଳାଶୟରୁ ଜଳ କଳସ ଅଣାଯାଇ ମନ୍ଦିରରେ ସ୍ଥାପନା କରାଯାଇଥିଲା। ବିଭିନ୍ନ ପୂଜା ଉପଚାର ମଧ୍ୟରେ ଯଜ୍ଞ, ହୋମର ଆୟୋଜନ ହୋଇଥିଲା। ପୂଜା ସହିତ ହନୁମାନ ଚାଳିଶା, ଅଖଣ୍ଡ ଭଜନ, ଚବିଶ ପ୍ରହର ସଂକୀର୍ତ୍ତନ କରାଯାଇଥିଲା। ଏହା ବ୍ୟତୀତ ରୁଦ୍ରାଭିଷେକ, ଧ୍ୱଜା ଉତ୍ତୋଳନ କାର୍ଯ୍ୟକ୍ରମ ସହ ପୂର୍ଣ୍ଣାହୁତି କରାଯାଇଥିଲା। ପୂଜକ ଭାବେ ସତ୍ୟବ୍ରତ ପଣ୍ଡା, ଗିରିଶ ତ୍ରିପାଠୀ, ଯତୀନ ମିଶ୍ରଙ୍କ ସହିତ ନିମନ୍ତ୍ରିତ ପୂଜକ ଭାବେ ବବଲୁ ଆଚାର୍ଯ୍ୟ ଓ ଲକ୍ଷ୍ମୀଧର ଆଚାର୍ଯ୍ୟ କାର୍ଯ୍ୟ ତୁଲାଇଥିଲେ। ପୂଜାର କର୍ତ୍ତା ଭାବେ ଅମିତ ପୃଷ୍ଟି ଓ ବିଜୟିରାଣୀ ପୃଷ୍ଟି କାର୍ଯ୍ୟ ତୁଲାଇଥିଲେ। ଏହି ଆଧ୍ୟାତ୍ମିକ ଓ ଧାର୍ମିକ କାର୍ଯ୍ୟକୁ କରଞ୍ଜିଆ ଏନ୍‌ଏସି ଅଧ୍ୟକ୍ଷା ପପି ପୃଷ୍ଟି ଓ ରୋହିତ ପୃଷ୍ଟି ଉପସ୍ଥିତ ରହି ସହଯୋଗ କରିଥିଲେ।

## ବାଲ୍ୟ ବିବାହ ରୋକିବା ନେଇ ସଚେତନତା ରାଲି



କରଞ୍ଜିଆ,୨୮।୧(ସମିସ): କରଞ୍ଜିଆ ତାଲୁକ୍ ଆଇନ୍ ସେବା କମିଟିର ଅଧ୍ୟକ୍ଷ ତଥା ଏଡିଜେ ଆଶିଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବାଲ୍ୟ ବିବାହ ସଚେତନତା ନେଇ ୭୭ ତମ ସାଧାରଣତନ୍ତ୍ର ଦିବସର ଅବସରରେ ବାଲ୍ୟ ବିବାହକୁ ବନ୍ଦ କରିବାକୁ ଏକ ସାଇକଲ ରାଲି ମାଧ୍ୟମରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେଇଯାଇଛି। ଏହି ସାଇକଲ ରେଲ କରଞ୍ଜିଆ କୋର୍ଟ ପରିସରରୁ ବାହାରି ନଗର ପରିକ୍ରମା କରିଥିଲା। ଏହାକୁ ସବ୍‌ଜଜ୍ ଅମିତ୍ ସ୍ୱରୂପ ସେଠ୍ ଶୁଭାରମ୍ଭ କରିଥିଲେ। ବିଶେଷ କରି ଗ୍ରାମାଞ୍ଚଳରେ ସଚେତନତା ଅଭାବରୁ ବାଲ୍ୟ ବିବାହ ପ୍ରଥା ଏବେ ବି ରହିଛି। ଏହି ରାଲିରେ କୋର୍ଟର କର୍ମଚାରୀ, ଓକିଲ ସଙ୍ଘର ସଭାପତି, ସମ୍ପାଦକଙ୍କ ସହିତ ଅନ୍ୟ ଓକିଲମାନେ ଓ କଲେଜ ଛାତ୍ରଛାତ୍ରୀ ଭାଗ ନେଇ ସଚେତନ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମକୁ କୋର୍ଟର ଅର୍ଚ୍ଚନା ସାହୁ, ନାରାୟଣ ସାହୁ ଓ ସିନ୍ଧୁଜିତ୍ ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ସୂର୍ଯ୍ୟନାରାୟଣ ପୂଜା ମହୋତ୍ସବ ଉଦ୍‌ଯାପିତ



ଉଦଳା,୨୮।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଜଇଦା ସୂର୍ଯ୍ୟନାରାୟଣ ପୂଜା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକ ଭାସ୍କର ମଢେଇ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଆଜି ଉଦ୍‌ଯାପନୀ ସନ୍ଧ୍ୟାରେ ଉଦଳା ଥାନାଧିକାରୀ ବନମାଳୀ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଜିର ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଥିଲା ସର୍ବ ଭାରତୀୟ ଭଲି ବଲ ପ୍ରତିଯୋଗିତା। ଯାହାକି ରାଜ୍ୟ ବାହାରୁ ଟିମ୍ ଆସି ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପଞ୍ଜାବ, ହରିୟାଣା, ଓଡ଼ିଶା ଭଲି ବଲ୍ ଟିମ୍ ଆସି ଖେଳରେ ଅଂଶ ଗ୍ରହଣ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂଜା ମହୋତ୍ସବ କମିଟିର ସଭାପତି ନଳିନୀକାନ୍ତ ପାତ୍ର, ସମ୍ପାଦକ ହେମନ୍ତ ପାତ୍ର ଉପସ୍ଥିତ ରହିଥିବା ବେଳେ ଦୀପକ ପାଣିଗ୍ରାହୀ, ଦେବାଶିଷ ବାରିକ, ପଦ୍ମନାଭ ବାରିକ, ରମାକାନ୍ତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ସ୍ୱେଚ୍ଛାସେବୀ ସ୍ମୃତିରଞ୍ଜନଙ୍କୁ ସମ୍ବର୍ଦ୍ଧନା

ରାଇରଙ୍ଗପୁର,୨୮।୧(ସମିସ): ନିଃସ୍ୱାର୍ଥପର ସେବା କାର୍ଯ୍ୟ ପାଇଁ ସହକାରୀ ଶିକ୍ଷକ ତଥା ଜିଲ୍ଲା ରେଡ୍‌କ୍ରସ୍ ଶାଖାର କନିଷ୍ଠ ରେଡ୍‌କ୍ରସ୍ ଅଧିକାରୀ ସ୍ମୃତିରଞ୍ଜନ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବାରିପଦାସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର



ଦିବସ ଅବସରରେ ତାଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲାପାଳ ହେମକାନ୍ତ ସଞ୍ଜୟ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କଠାରୁ ଶ୍ରୀ ପାଣି ସମ୍ବର୍ଦ୍ଧନାପତ୍ର ଗ୍ରହଣ କରିଛନ୍ତି। ମାନବ ସେବା ହିଁ ମାଧବ ସେବାକୁ ପାଥେୟ କରି ଅନେକ ବର୍ଷ ହେବ ସେବା କାର୍ଯ୍ୟ ଜାରି ରଖିଛନ୍ତି। ବିପନ୍ନ ମାନଙ୍କୁ ପ୍ରାଥମିକ ଚିକିତ୍ସା ସହାୟତା ଯୋଗାଇବା, ରକ୍ତଦାନ କରି ରୋଗୀର ଅମୂଲ୍ୟ ଜୀବନ ବଞ୍ଚାଇବା, ଦକ୍ଷତାର ସହ ବିପର୍ଯ୍ୟୟ ପରିଚାଳନା ଏବଂ ସଡ଼କ ସୁରକ୍ଷା କାର୍ଯ୍ୟକଳାପରେ ନିଜକୁ ନିୟୋଜିତ କରି ଅନ୍ୟ ମାନଙ୍କ ଶ୍ରୀ ପାଣି ଉଦାହରଣ ସାଜିଛନ୍ତି। ସମ୍ବର୍ଦ୍ଧନା ଅବସରରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରସ୍ତୁତି ଶେଷ; ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ ରାଷ୍ଟ୍ରପତି

ରାଇରଙ୍ଗପୁର,୨୮।୧(ସମିସ):

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବ୍ରୁଆରୀ ୪ରୁ ୩ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ଶିଳାନ୍ୟାସ କରିବାକୁ ଥିବା ପ୍ରକଳ୍ପଗୁଡ଼ିକ ପାଇଁ ଜମି ହସ୍ତାନ୍ତର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ସମ୍ପୃକ୍ତ ବିଭାଗକୁ ଚିହ୍ନଟ ଜମି ହସ୍ତାନ୍ତର ହୋଇଛି। ଫେବ୍ରୁଆରୀ ୪ ତାରିଖ ଅପରାହ୍ଣ ସମୟରେ ରାଇରଙ୍ଗପୁରସ୍ଥିତ କଚେରି ପଡ଼ିଆରେ ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଛି। ଯେଉଁଥିରେ କି ଆଇଆଇଏଫ୍‌ଏମ୍, ଓୟୁଏଟି, ଆର୍ଚେରୀ କେନ୍ଦ୍ର, ସରକାରୀ ଆୟୁର୍ବେଦ କଲେଜ ଏବଂ ହସ୍ପିଟାଲ, ଇଗନୁ ନୂତନ କ୍ୟାମ୍ପସ ଓ ଖଡ଼ଖାଇ ନଦୀ କୂଳ ଉନ୍ନତୀକରଣ ଆଦି ପ୍ରକଳ୍ପ ରହିଛି। ଜମି ହସ୍ତାନ୍ତର କରିବା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସ୍ୱତନ୍ତ୍ର ସଚିବ ସେକ ଜମିରଉଦ୍ଦିନ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଞ୍ଜୟଙ୍କୁ ଚିଠି ଲେଖିଥିଲେ। ଯାହାକୁ ନେଇ ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କ ନେତୃତ୍ୱରେ ପୂର୍ବ ଚିହ୍ନଟ ଜମିକୁ ଦଖଲକୁ ନେଇ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର ପ୍ରକ୍ରିୟା କରାଯାଇଛି। ସରକାରୀ ଆୟୁର୍ବେଦ କଲେଜ ଏବଂ ହସ୍ପିଟାଲ ନିର୍ମାଣ ନିମନ୍ତେ ମୁରୁଗାଘୁଟୁ ମୌଜାରେ ୪୯ ଏକର ୩୫ ଡିସିମିଲ ଜମି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କୁ ହସ୍ତାନ୍ତର କରାଯାଇଛି। ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗନୋ)ର ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ର ନୂତନ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ନିମନ୍ତେ ରାଇରଙ୍ଗପୁର ମୌଜାରେ ରାଇରଙ୍ଗପୁର ଡିଗ୍ରୀ ମହାବିଦ୍ୟାଳୟ ସମ୍ମୁଖରେ ୧ ଏକର ୩୧ ଡିସିମିଲ ଜମି ହସ୍ତାନ୍ତର କରାଯାଇଛି। ଆର୍ଚେରୀ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ପଟେପାଣି ମୌଜାରେ ୧୦ ଏକର ଜମି କ୍ରୀଡା ଓ ଯୁବ ବ୍ୟାପାର ବିଭାଗକୁ ହସ୍ତାନ୍ତର କରାଯାଇଛି। ସେହିପରି କୁସୁମୀ ତହସିଲ ଅଞ୍ଚଳରେ ଆଇଆଇଏଫ୍‌ଏମ୍ ଦ୍ୱିତୀୟ



କ୍ୟାମ୍ପସ ଓ ଜାମଦା ତହସିଲ ଅଞ୍ଚଳରେ ଓୟୁଏଟି କ୍ୟାମ୍ପସ ନିର୍ମାଣ ନିମନ୍ତେ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଚିହ୍ନଟ ଜମି ଦଖଲ କରି ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ନିକଟତ୍ୱର ହେଉଥିବା ବେଳେ ରାଇରଙ୍ଗପୁର ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି। ଜନ୍ମ ମାଟିରେ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଫେବ୍ରୁଆରୀ ୨ରୁ ଓଡ଼ିଶା ଗସ୍ତରେ ଆସିବାକୁ ଥିବା ବେଳେ ଫେବ୍ରୁଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ଗସ୍ତରେ ରହିବେ। ଲୋକାର୍ପଣ ସମେତ ହୋଲି ଡେ ହୋମ, ସ୍ପୋର୍ଟସ କମ୍ପ୍ଲେସ, ଆଦିବାସି ଗବେଷଣା କେନ୍ଦ୍ର ଓ ଆଇଟି କେନ୍ଦ୍ରର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଜାରି ଥିବା ବେଳେ ତାହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଷ୍ଟ୍ରପତି ଭବନରୁ ସ୍ୱତନ୍ତ୍ର ଅଧିକାରୀ ମାନେ ରାଇରଙ୍ଗପୁର ଗସ୍ତ ଆସି ରାଷ୍ଟ୍ରପତିଙ୍କ ଗସ୍ତ ସ୍ଥାନ ଗୁଡ଼ିକ ପରିଦର୍ଶନ କରୁଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ସମୟ ଯେତେ ପାଖେଇ ପାଖେଇ ଆସୁଛି ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ସେତିକି ବଢ଼ି ବଢ଼ି ଚାଲିଛି। ତେବେ ନୂତନ ପ୍ରକଳ୍ପ ଦ୍ୱାରା ସ୍ୱାସ୍ଥ୍ୟ, ଉଚ୍ଚ ଶିକ୍ଷା, ଆଦିବାସି ଉନ୍ନୟନ, ପର୍ଯ୍ୟଟନ, କ୍ରୀଡ଼ା, ଗମନାଗମନ ଆଦି କ୍ଷେତ୍ରରେ ଅନେକ ବିକାଶ ଘଟିବ ବୋଲି କୁହାଯାଉଛି।

## ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ କଡ଼ା ସୁରକ୍ଷା ବ୍ୟବସ୍ଥା

ରାଇରଙ୍ଗପୁର,୨୮।୧(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସୁଛନ୍ତି। ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସତନ୍ତ୍ର ବ୍ୟବସ୍ଥା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଫେବ୍ରୁଆରୀ ୪ ରୁ ୬ ତାରିଖ ସକାଳ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାରେ ରାଷ୍ଟ୍ରପତିଙ୍କ ଗସ୍ତ ଅଞ୍ଚଳକୁ ନୋ ଫ୍ଲାଇଂ ଜୋନ ଭାବେ ଘୋଷଣା କରାଯାଇଛି। ଫେବ୍ରୁଆରୀ ୪ରେ ରାଇରଙ୍ଗପୁରସ୍ଥିତ ଦାଣ୍ଡବୋଷରେ ପହଞ୍ଚି ହଲି ଡେ ହୋମ ଓ ସ୍ପୋର୍ଟସ କମ୍ପ୍ଲେସ ଯାଇ ଉଦ୍‌ଘାଟନ କରିବେ। ମହୁଲଡିହାସ୍ଥିତ ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିବା ସହ ଭଞ୍ଜବୀର ସୁନାରାମ ସୋରେନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିର ଲୋକାର୍ପଣ କରିବେ। ରାଇରଙ୍ଗପୁରସ୍ଥିତ ଘରକୁ ଯାଇ ସେଠାରେ ଭୋଜନ କରି ବିଶ୍ରାମ କରିବେ। ଅପରାହ୍ନରେ କଚେରି ପଡ଼ିଆରେ ଲୋକାର୍ପଣ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ରାଇରଙ୍ଗପୁରସ୍ଥିତ ଘର କିମ୍ବା ଅତିଥି ଭବନକୁ ଯିବେ। ସେଠାରେ ସ୍ଥାନୀୟ ଲୋକମାନଙ୍କ ସହ ଭାବ ବିନିମୟ କରିବା ସହ ରାତ୍ରି ରହଣି କରିବେ। ତହିଁ ପରଦିନ ଡ଼କୁମେଣ୍ଟାରୀ ଚଳଚ୍ଚିତ୍ର ସୁଟିଙ୍ଗ ନିମନ୍ତେ ଉପରବେଡା, ପାହାଡ଼ପୁର ଓ ରାଇରଙ୍ଗପୁର ବିଭିନ୍ନ ସ୍ଥାନକୁ ଗସ୍ତ କରିବେ। ରାଇରଙ୍ଗପୁରସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବେ। ଏହାପରେ ଘରେ ମଧ୍ୟାହ୍ନ ଭୋଜନ ଗ୍ରହଣ କରି ବିଶ୍ରାମ ଅପରାହ୍ଣରେ ଦାଣ୍ଡବୋଷରୁ ହେଲିକ୍ୟାପ୍ଟର ଯୋଗେ ବାହାରି ଯଶିପୁରସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିବେ। ଏହାପରେ ସ୍ୱତନ୍ତ୍ର ଗାଡ଼ିରେ ସଡ଼କ ପଥରେ ଶିମିଳିପାଳ ଭିତରକୁ ପ୍ରବେଶ କରିବେ। ଶିମିଳିପାଳ ବୁଲିବା ସହ ରାତ୍ର ଭୋଜନ କରି ରାତ୍ରୀ ରହଣୀ କରିବେ। ତହିଁ ପରଦିନ ସକାଳୁ ଶିମିଳିପାଳ ଅଞ୍ଚଳର ଆଦିବାସି ମହିଳା ଓ ଯୁବକ ମାନଙ୍କ ସମେତ ଆଲୋଚନା କରି ରାଷ୍ଟ୍ରପତି ସ୍ୱତନ୍ତ୍ର ହେଲିକେପ୍ଟରରେ ଯୋଗେ ପଶ୍ଚିମବଙ୍ଗର କୋଲେଇକୁଣ୍ଡା ଏୟାରପୋର୍ଟରେ ଯାତ୍ରା କରିବେ। ଉକ୍ତ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କଡ଼ା ସୁରକ୍ଷା ବଳୟକୁ ଦୃଷ୍ଟି ରଖି ଉକ୍ତ ଅଞ୍ଚଳ ଗୁଡିକ ୩ ଦିନ ପାଇଁ ନୋ ଫ୍ଲାଇଂ ଜୋନ୍ ଭାବେ ଘୋଷଣା କରାଯାଇଛି। ଉକ୍ତ ଅଞ୍ଚଳରେ କୌଣସି ବ୍ୟକ୍ତି ବିଶେଷ, ଅନୁଷ୍ଠାନ କିମ୍ବା ଗଣମାଧ୍ୟମ ପକ୍ଷରୁ ଡ୍ରୋନ ଉଡ଼ାଇବା ପାଇଁ ପ୍ରତିବନ୍ଧକ ଲଗାଯାଇଥିବା ନେଇ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ବନ୍ଦକୁ ସମର୍ଥନ କରି କଂଗ୍ରେସର ପିକେଟିଂ

ରାଇରଙ୍ଗପୁର,୨୮।୧(ସମିସ): କୃଷକ ସଂଗଠନ ଆନୁକୂଲ୍ୟରେ ବୁଧବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ବନ୍ଦବେଳେ ବାମନଘାଟୀ ଉପଖଣ୍ଡରେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ଦୋକାନ ବଜାର, ଗାଡ଼ି ମୋଟର, ରେଳ ଚଳାଚଳ ଆଦି ସ୍ୱାଭାବିକ ରହିଥିଲା। କିନ୍ତୁ କେତେକ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, କାର୍ଯ୍ୟାଳୟ ଆଦି ବନ୍ଦ ରହିଥିଲା। ବନ୍ଦ ଡାକରାକୁ ପଶ୍ଚିମ ମୟୂରଭଞ୍ଜ କଂଗ୍ରେସ ପକ୍ଷରୁ ସମର୍ଥନ ଜଣାଇ ପିକେଟିଂ କରାଯାଇଥିଲା। ଯାହାକୁ ନେଇ ରାଇରଙ୍ଗପୁରରେ କଂଗ୍ରେସ କର୍ମକର୍ତ୍ତାମାନେ ସକାଳ ସମୟରେ କେତେକ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଚାଷୀମାନଙ୍କ ପାଇଁ ଓଡ଼ିଶା ବନ୍ଦକୁ ସଫଳ କରିବାକୁ ନିବେଦନ



କରିଥିଲେ। ଧାନମଣ୍ଡିରେ କଟ୍‌ନିଛଟନି ବନ୍ଦ କରିବା, ମନରେଗା ପୂର୍ବ ନିୟମ ଲାଗୁ କରିବା ଓ ନିର୍ବାଚନ ସମୟରେ ବିଜେପି ଦେଇଥିବା ୩୦୦ ୟୁନିଟ୍ ବିଜୁଳି ଛାଡ଼ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା ଆଦି ଦାବି କରିଛନ୍ତି। ଯାହାକୁ ନେଇ ସକାଳ ସମୟରେ ବନ୍ଦ ଅନୁଭୂତ ହୋଇଥିବାବେଳେ ଏହାପରେ ଜୀବନ ଯାତ୍ରା ସ୍ୱାଭାବିକ ହୋଇଥିଲା। କୃଷକ ସଂଗଠନ ସଭାପତି କିଶୋର ମହାନ୍ତ, ଯୁବ ସଂଗଠନ ସଭାପତି ପିଥ ମୁର୍ମୁ, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହଲ୍ଲାଦ ପୂର୍ତ୍ତୀ, ଅଶୋକ ଅଗ୍ରଓ୍ୱାଲା, ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ରୂପକ ମହାନ୍ତି, ଶ୍ରମିକ ସଙ୍ଗଠନ ସଭାପତି ଅମର ସିଂ ମହାନ୍ତ, ବ୍ଲକ ସଭାପତି ସିମାଲ ମାଝୀ, ଦବାନ ମାର୍ଣ୍ଡି, ଜ୍ଞାନେଶ୍ୱର ଅକତର, ରଜତ ମହାନ୍ତି, ସିମଲ ଟୁଡୁ, ଶମ୍ଭୁଚରଣ ବେହେରା, ଦବାନ ଟୁଡୁ, ବବି ପାତ୍ର, ଛୁଟୁ ଗୋପ, ଶଙ୍କର ମହାକୁଡ ଓ ଶ୍ୟାମ ଟୁଡୁ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

## ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ



ବାରିପଦା,୨୮।୧(ସମିସ): ସାଇ ବିଦ୍ୟା ମନ୍ଦିରରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ସଭାରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ, ଅଧ୍ୟକ୍ଷ ଅକ୍ଷୟ କୁମାର ଖିଲାର, କୈଳାସଚନ୍ଦ୍ରପୁର ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ଦେହୁରି, ମୁଖ୍ୟଅତିଥି କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ.ଦେବେଶ ଶଙ୍କର ହୋତା, ଶୀର୍ଷା ଲ୍ୟାମ୍ପସ୍ ପରିଚାଳନା ନିର୍ଦ୍ଦେଶକ ସ୍ୱରୂପ କୁମାର ଶତପଥୀ, କାର୍ଯ୍ୟକ୍ରମ ଅଧିକାରୀ ରଶ୍ମୀରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟପାଇଁ ପ୍ରଶଂସା କରିଥିଲେ ଓ ପ୍ରମାଣପତ୍ର ବାଣ୍ଟିଥିଲେ। ସାତ ଦିନିଆ ସ୍ୱତନ୍ତ୍ର ଶିବିରରେ ସାମାଜିକ ଆର୍ଥିକ ନିରୀକ୍ଷଣ, ସ୍ୱଚ୍ଛ ଭାରତ ଅଭିଯାନ, ନିଶା ନିବାରଣ ସଚେତନତା, ସଡକ ସୁରକ୍ଷା, ଯୋଗ ବ୍ୟାୟାମ ଦ୍ୱାରା ରୋଗ ନିରାମୟ ଏବଂ ସାଂସ୍କୃତିକ ଶୋଭା ଯାତ୍ରା ଆଦି ସମ୍ପନ୍ନ ହୋଇଥିଲା।

■ କର୍ମୀ ସାମିଲ ହୋଇଥିଲେ।

## 'ଅବୈଧ ବନ୍ୟଜନ୍ତୁ ଶିକାର ଓ ବ୍ୟବସାୟରେ ଅଙ୍କୁଶ ଜରୁରୀ'




ବାରିପଦା,୨୮।୧(ସମିସ): ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍‌ସି ଆଣ୍ଡ ମ୍ୟାନେଜମେଣ୍ଟର ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ବିଭାଗ ଦ୍ୱାରା 'ଅବୈଧ ବନ୍ୟଜନ୍ତୁ ଶିକାର ଏବଂ ବ୍ୟବସାୟ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡଃ ସୁଶୀଲ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବୈଧ ଜୀବଜନ୍ତୁ ଶିକାର ଏବଂ ବ୍ୟବସାୟର ପରିଣାମ ସମ୍ପର୍କରେ ବିସ୍ତାରିତ ଭାବରେ କହିଥିଲେ। ସେ ଜୈବବିବିଧତା ହ୍ରାସ, ପରିସ୍ଥିତିକ ବ୍ୟବସ୍ଥାରେ ବିଘ୍ନ, ଆର୍ଥିକ ପ୍ରଭାବ, ମାନବ ଏବଂ ବନ୍ୟ ଜନ୍ତୁ ସଂଘର୍ଷ ଏବଂ ସଙ୍ଗଠିତ ଅପରାଧ ଉପରେ ଅଙ୍କୁଶ ଆଣିବାକୁ ଗୁରୁତ୍ୱାରୋପ କରିଥିଲେ। ସୁରକ୍ଷିତ ଅଞ୍ଚଳ, ସମୁଦାୟ ସହଭାଗିତା, ସଚେତନତା ଏବଂ ଅନ୍ତର୍ଜାତିକ ସହଯୋଗ ଦ୍ୱାରା କିପରି ଏହାକୁ ରୋକାଯାଇ ପାରିବ ସେ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ୫୦ ଜଣରୁ ଅଧିକ ଛାତ୍ରଛାତ୍ରୀ ଏହି ଆଲୋଚନା ଚକ୍ରରେ ଭାଗ ନେଇ ଥିଲେ। ଅଧ୍ୟାପିକା ଅଭିଲିପ୍ସା ଗିରି ପ୍ରାରମ୍ଭିକ ସୂଚନା, ଅତିଥି ପରିଚୟ ଓ ଧନ୍ୟବାଦ ଜ୍ଞାପନ କରିଥିଲେ।




# ନୂଆ ରୂପ ନେବ ଷ୍ଟେସନ ବଜାର ହାଟ

ବାରିପଦା,୨୮।୧(ସମିସ):

ସ୍ଥାନୀୟ ଷ୍ଟେସନ ବଜାର ହାଟ ନେବ ନୂଆ ରୂପ। ଉନ୍ନତିକରଣରେ ବ୍ୟୟ ହେବ ୨୭କୋଟି ଟଙ୍କା।

- ଉନ୍ନତିକରଣରେ ବ୍ୟୟହେବ ୨୭କୋଟି
- ଭିତ୍ତିପ୍ରସ୍ତର ସ୍ଥାପନ କଲେ ନଗର ଉନ୍ନୟନ ମନ୍ତ୍ରୀ



ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଠାରେ ହାଟର ଉନ୍ନତିକରଣ ସହ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ର ନିଜ ପ୍ରତିକ୍ରିୟାରେ ସ୍ଥାନୀୟ ଚାଷୀଙ୍କ ସୁବିଧା ପାଇଁ ମଧ୍ୟ ଏଠାରେ ଏକ କୃଷକ ବଜାର ନିର୍ମାଣ କରାଯିବ ବୋଲି ସୂଚନା ଦେଇଛନ୍ତି। ସେ ପର୍ଯ୍ୟନ୍ତ ହାଟ ଅସ୍ଥାୟୀ ଭାବେ ତକତପୁରଠାରେ ଥିବା ଆର୍‌ଏମ୍‌ସି ହାଟରେ କାର୍ଯ୍ୟ କରିବ। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ବାରିପଦା ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଏବଂ ସମସ୍ତ ୱାଡର୍ କାଉନସିଲରମାନେ ଉପସ୍ଥିତ ରହିଥିଲେ। ସେହିପରି ସ୍ଥାନୀୟ ଅମ୍ବିକା ମନ୍ଦିର ଓ ଅମ୍ବିକା ମନ୍ଦିର ଠାରୁ ତାରିଣୀ ମନ୍ଦିର ରାସ୍ତା ପାଶ୍ୱର୍ରେ ସମ୍ପନ୍ନ ହୋଇଥିବା ଅଳଙ୍କାରିକ ସୌନ୍ଦର୍ଯ୍ୟ ଆଲୋକକୁ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ କାଉନସିଲର ସୁକେଶିନୀ ସେଠୀ ସମେତ ଅନ୍ୟାନ୍ୟ କାଉନସିଲର ଉପସ୍ଥିତ ଥିଲେ।

# ବିଜୁ ଭବନରେ ଚୈତନ୍ୟ ପ୍ରସାଦ ମାଝୀଙ୍କ ଶ୍ରାଦ୍ଧ ଦିବସ



ବାରିପଦା,୨୮।୧(ସମିସ): ସ୍ଥାନୀୟ ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନ ଠାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ସରକାରଙ୍କ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଚୈତନ୍ୟ ପ୍ରସାଦ ମାଝୀଙ୍କ ଅଷ୍ଟମ ଶ୍ରାଦ୍ଧ ଦିବସ ବୁଧବାର ପାଳିତ ହୋଇଯାଇଛି। ସ୍ମୃତି ସଭାରେ ଜିଲ୍ଲାର ନେତୃମଣ୍ଡଳୀ ଉପସ୍ଥିତ ରହି ଏହି ଅମ୍ଳାନ ଆତ୍ମା ସ୍ୱର୍ଗୀୟ ମାଝୀଙ୍କ ସ୍ମୃତିଚାରଣ କରିଥିଲେ। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ସ୍ମୃତିସଭା ଆୟୋଜନ ହୋଇଥିଲା। ପୂର୍ବତନ ରାଜ୍ୟସଭା ସାଂସଦ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ନେତା ସରୋଜ ମହାପାତ୍ର, ବରିଷ୍ଠ ଆଇନଜୀବି କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ସ୍ୱର୍ଗୀୟ ମାଝୀ ଶିକ୍ଷା ମନ୍ତ୍ରୀ ଥିବା ସମୟରେ ରାଜ୍ୟ ତଥା ଜିଲ୍ଲାରେ ଶିକ୍ଷାର ବିକାଶର ମୂଳ ଦୂଆ ସ୍ଥାନ ହୋଇଥିଲା ବୋଲି ସ୍ମୃତି ଚାରଣ କରି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ସହର ସଭାପତି ପ୍ରଭାତ ମହାନ୍ତି, ୱାର୍ଡ କାଉନସିଲର ଅନନ୍ତ ଦାସ, ମହେଶ ଭଞ୍ଜଦେଓ, ଦେବାଶିଷ ପାତ୍ର, ସୁଧୀର ବାରିକ, ଶୈଳେନ୍ଦ୍ର ପାତ୍ର, ଶ୍ରାବଣୀ ଦାସ, ମୂର୍ଚ୍ଛନା ମହାନ୍ତି, ସବିତା ବେହେରା, ଲଲାଟେନ୍ଦୁ ବେହେରା, ତ୍ରୈଲକେଶ ପଣ୍ଡା, କୁମାର ମୁଖୀ, ଦିଗବିଜୟ ହାଁସଦା, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ବିଜୁ ଛାତ୍ର ଜନତା ଦଳ ଜୋନାଲ ସଭାପତି ଅବଦୁଲ ହବିବ, ଜିଲ୍ଲା ସଭାପତି ସୁନୀଲ କୁମାର ନାୟକ, ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ଼, ସରୋଜ କୁମାର ବୋଷ, ଦିଲ୍ଲୀପ ପାତ୍ର, ଅଭୟ ସିଂ, ବିରଞ୍ଚି ମହାପାତ୍ର, ରାଜୀବ ଜେନା, ଶିବୁ ରଣା, ଅମିତ ବୈଠା, ଦୀପକ ମଡୁଆଲ, ଭୀଷ୍ମ ନାୟକ, ପିଙ୍କି ସାର, ଏମତି ଦାନିଷ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ ହୋଇଥିଲା।

# ଶିକ୍ଷକ ତାଲିମ ନିୟମକୁ ଫୁଁ', ତେଜୁଛି ଅସନ୍ତୋଷ

ବାରିପଦା,୨୮।୧(ସମିସ):

ରାଜ୍ୟରେ ଜାତୀୟ ଶିକ୍ଷାନୀତି ପ୍ରଚଳନକୁ ନେଇ ଶିକ୍ଷା ବିଭାଗ ପକ୍ଷରୁ ସୁବ୍ୟବସ୍ଥିତ କରାଯାଉଛି। ମାତ୍ର ବିଭାଗୀୟ ନିର୍ଦ୍ଦେଶକୁ ଅଣଦେଖା କରାଯାଉଥିବାରୁ ମୟୂରଭଞ୍ଜ ଜିଲ୍ଲାରେ ଅସନ୍ତୋଷ ତେଜିବାରେ ଲାଗିଛି। ଏପରିକି ସରକାରୀ ଅର୍ଥର ଅପବ୍ୟବହାର ଓ ଯୋଜନାର ସଫଳ ରୂପାୟନକୁ ନେଇ ଆଶଙ୍କା ଦେଖାଦେଇ ଛି। ସୂଚନାଯୋଗ୍ୟ, ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ରାଜ୍ୟର ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମସ୍ତ ପାଠ୍ୟ ପୁସ୍ତକକୁ ପରିବର୍ତ୍ତନ କରି ଆଗାମୀ ୨୦୨୬-୨୭ ଶିକ୍ଷା ବର୍ଷରୁ ନୂତନ ଭାବେ ୭୫ଟି ନୂତନ ପାଠ୍ୟ ପୁସ୍ତକ ପ୍ରଚଳନ କରିବାକୁ ଯାଉଛନ୍ତି। ଏଥିପାଇଁ ଗତ କିଛି ମାସ ତଳେ ଓସେପା ତରଫରୁ ରାଜ୍ୟ ସାରା କିଛି ଶିକ୍ଷକ ତଥା ଡିଆଇଇଟି ଶିକ୍ଷକ ପ୍ରଶିକ୍ଷକଙ୍କୁ ତାଲିମ ଦିଆଯାଇଥିଲା। ଏହି ତାଲିମପ୍ରାପ୍ତ ଶିକ୍ଷକମାନେ ଅନ୍ୟ ସମସ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କୁ ତାଲିମ ଦେଇ ସଶକ୍ତ କରିବେ ବୋଲି ସରକାରଙ୍କ ଯୋଜନା ରହିଛି। ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ସୂଚନା ମିଳିଛି। ମୟୂରଭଞ୍ଜ ଭଳି ବୃହତ ଜିଲ୍ଲାରେ ଏନେଇ ଗତ ଡିସେମ୍ବର ମାସରେ ତାଲିମ ହୋଇଥିଲା। ଏଥିରେ ପ୍ରତି ବ୍ଲକରୁ ୩ଜଣ ଲେଖାଏଁ ଶିକ୍ଷକଙ୍କ ନାମ ରାଜ୍ୟକୁ ପଠାଯାଇ ମାଷ୍ଟର ଟ୍ରେନର ଭାବେ ତାଲିମ ପ୍ରଦାନ କରାଯାଇଥିଲା। ଗତ ଜାନୁଆରୀ ୧୬ତାରିଖ ଭର୍ଚୁଆଲ ବୈଠକରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମସ୍ତ ୩୦ଟି ଜିଲ୍ଲାର ମାଷ୍ଟର ଟ୍ରେନର ଓ ଜିଲ୍ଲାଶିକ୍ଷାଧିକାରୀଙ୍କ ସହ ତାଲିମ କାର୍ଯ୍ୟର ସଫଳର ରୂପାୟନ ନେଇ ବିଶଦ ଆଲୋଚନା କରିଥିଲେ। ଏପରିକି ଆବଶ୍ୟକ ଅନୁସାରେ ମାଷ୍ଟର ଟ୍ରେନର୍ ବା ମାଷ୍ଟର ରିସୋର୍ସ ପର୍ସନ(ଏମଆରପି) ସଂଖ୍ୟା ବୃଦ୍ଧି କରାଯାଇ ତାଲିମ କାର୍ଯ୍ୟ ସୁରୁଖୁରୁରେ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ପ୍ରଥମ ଚିଠି ନଂ ୨୯୧/ପିଡିଜି/୨୫/ ୨୦ଜାନୁଆରୀ ୨୦୨୬ରେ ଶହେ ଜଣ ଶିକ୍ଷକଙ୍କୁ ୩ଜଣ ମାଷ୍ଟର ଟ୍ରେନ ତାଲିମ ଦେବାକୁ ଆଦେଶ କରିଥିଲେ। ମାତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବାର୍ତ୍ତା ତଥା ଟ୍ରେନିଂ ସଫଳତା ଲାଗି ଓସେପା ନିଜ ଚିଠି ନଂ ୭୮୩/ଟିଇ/୨୬/୨୧ ଜାନୁଆରୀ ୨୦୨୬ ଅନୁସାରେ ପ୍ରତି ୫୦ଜଣ ଶିକ୍ଷକଙ୍କୁ ୪ଜଣ ଏମ୍ଆରପି ତାଲିମ ଦେବା ନିମନ୍ତେ ପ୍ରତ୍ୟେକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଆଶ୍ଚର୍ଯ୍ୟର କଥା ରାଜ୍ୟର ଏ ଚିଠିକୁ ତିଳେ ମାତ୍ରେ ଭ୍ରୂକ୍ଷେପ ନକରି ପୁଣି ୨୨ ଜାନୁଆରୀ ୨୦୨୬ରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଚିଠି ନଂ ୩୧୪/ପିଡିଜି/୨୫ ବଳରେ ପୂର୍ବବତ ଶହେ ଶିକ୍ଷକଙ୍କୁ ୩ଜଣ ଏମ୍ଆରପିଙ୍କ ଦ୍ୱାରା ତାଲିମ ପ୍ରଦାନ ନିମନ୍ତେ ସମସ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କେଉଁ ବ୍ଲକ୍‌ର ଏମ୍ଆର୍‌ପି କେଉଁ ବ୍ଲକ୍‌ରେ ତାଲିମ ପ୍ରଦାନ କରିବେ ତାହାର କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରାଯାଇ ନାହିଁ। ତେବେ ଗୋଟିଏ କୋଠରିରେ ଏତେ ସଂଖ୍ୟକ ଶିକ୍ଷକ ବସି କିପରି ତାଲିମ ଗ୍ରହଣ କରିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ସଦର ବ୍ଲକ ବାରିପଦାର ବିଇଓ ୨୭ତାରିଖରୁ ତାଲିମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ହୋଇପାରି ନାହିଁ। ଏନେଇ ବିଇଓଙ୍କୁ ପଚାରିବାରୁ ସେ ବୁଝି କହୁଛନ୍ତି ବୋଲି ପ୍ରତିକ୍ରିୟା ଦେଇଛନ୍ତି। ତେବେ ଶିକ୍ଷା କ୍ଷେତ୍ରରେ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଓ ଦାୟିତ୍ୱହୀନତା ପାଇଁ ଉତ୍ତମ ଶିକ୍ଷାଦାନ ପାଇଁ ଆଶଙ୍କା ଦେଖାଦେଇଛି। ସାରା ଜିଲାରେ ଏହାକୁ ନେଇ ଅସନ୍ତୋଷ ଜାରି ରହିଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବ୍ୟବସ୍ଥାକୁ ସୁଧାରିବା ପାଇଁ ଶିକ୍ଷକ ମହଲରେ ଦାବି ହୋଇଛି। ଏ ସଂକ୍ରାନ୍ତରେ ଜିଲ୍ଲାଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ତେବେ ବାରିପଦା ବିଇଓ ଅଭିମନ୍ୟୁ ସେଠୀଙ୍କୁ ପଚାରିବାରୁ ମୁଁ ବୁଝି କହୁଛି କହିଥିଲେ।

# ବାର୍ଷିକ ଉତ୍ସବ 'ସମ୍ପୂର୍ଣ୍ଣା' ଉଦ୍‌ଯାପିତ

ବିଶୋଇ,୨୮।୧(ସମିସ) : ବିଶୋଇ ବ୍ଲକ୍ ବାଡୁଣିଆ ସରକାରୀ ଏସ୍ଏସ୍‌ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସମ୍ପୂର୍ଣ୍ଣା-୨୦୨୬' ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ପ୍ରଜ୍ଞା ପ୍ରସବିନୀ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବିଶୋଇ ବ୍ଲକ୍ ତହସିଲଦାର ସତ୍ୟବାନ ନାଏକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ଡେପୁଟି ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ଯୋଗଦେଇ ଜ୍ଞାନ ଆହରଣ ସହିତ ଉତ୍ତମ ଆଦର୍ଶ, ଚରିତ୍ର ଗଠନ କରିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ।



ମୁଖ୍ୟବକ୍ତା ଭାବେ ସିଡିପିଓ ବିଟୁ ଟୁଡୁ ଯୋଗଦେଇ ସମାଜର ପ୍ରତ୍ୟେକ କ୍ଷେତ୍ରରେ କିଶୋରୀଙ୍କୁ ଆଗକୁ ଆସିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇଟିଡିଏର ସହକାରୀ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ, ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କମଳାକାନ୍ତ ସ୍ୱାଇଁ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିକାଶ ରଞ୍ଜନ ନାଏକ, ବାଡୁଣିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚୈତନ୍ୟ ପ୍ରସାଦ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଦୀପ୍ତିରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ମୋହନଲାଲ କାହାଳି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ରାଧାକାନ୍ତ ଦଳେଇ, ସୁଜିତ ପରିଡ଼ା, ସରୋଜିନୀ ମାର୍ଣ୍ଡି, ଗୁରୁକଲ୍ୟାଣ ମଙ୍ଗରାଜ, ଅଭିଜିତ ଦୀକ୍ଷିତ, ସୁଶ୍ରୀ ସ୍ୱର୍ଣ୍ଣ ପ୍ରଜ୍ଞା ମହାନ୍ତି, ମାଳତୀ ଦଳେଇଙ୍କ ସମେତ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଦିପୁର କ୍ରେଜି କ୍ଲବ୍‌ର ବାର୍ଷିକୋତ୍ସବ

ଖୁଣ୍ଟ,୨୮।୧(ସମିସ): ଶୁକୁଳି ବ୍ଲକ ଆଦିପୁରସ୍ଥ କ୍ରେଜି କ୍ଲବ ଆନୁକୂଲ୍ୟରେ ଆୟୋଜିତ ବାର୍ଷିକ ଉତ୍ସବ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଏ ଅଞ୍ଚଳର ଛୋଟ ଛୋଟ ପିଲା ସମେତ କିଶୋର କିଶୋରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବାପାଇଁ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ମ୍ୟୁଜିକ ଚେୟାର, ପୁଚି, ବାଲାନସ୍ ରେସ୍, ନମ୍ବର ଗେମ୍ ପ୍ରଭୃତି ପ୍ରତିଯୋଗିତାରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର ଉତ୍କର୍ଷ ପ୍ରତିଭା ପ୍ରଦର୍ଶନ କରିବାର ଅପୂର୍ବ ସୁଯୋଗ ପାଇଥିଲେ। ଏଥିସହିତ ବିଭିନ୍ନ ବର୍ଗର ପ୍ରତିଭାଧାରୀଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଇଦେବା ପାଇଁ ଅତୁଲ ଦସଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ପୂର୍ବତନ ଅଧ୍ୟକ୍ଷ ଡ. ବଳଭଦ୍ର ଘଡ଼ାଇ, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ହାଡ଼ିବନ୍ଧୁ ରାଉତ, ବିଶିଷ୍ଟ ଅତିଥି ଭବେ ଅର୍ଜୁନବିଲ୍ଲା ପଂଚାୟତ ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା ଓ ସମାଜସେବୀ ଗୋଲକ ବିହାରୀ ନାୟକ ଓ ସହଦେବ ମୁଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥଲେ କ୍ଷ ସଭାକାର୍ଯ୍ୟ ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ, ସମ୍ବଲପୁରୀ, ଆଧୁନିକ ଓ ଆଞ୍ଚଳିକ ନୃତ୍ୟ ହାଜର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଚନ୍ଦ୍ରଶେଖର ମହାନ୍ତ, ପ୍ରଳୟ ଦାସ ଅଧିକାରୀ, ପ୍ରକାଶ ମହାନ୍ତ, ତପନ ମହନ୍ତ ପ୍ରମୁଖ କାର୍ଯ୍ୟକର୍ତ୍ତା ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।



# ଆଗ୍ରିଆ ମହୋତ୍ସବ ଉଦ୍‌ଯାପିତ



ବେତନଟୀ,୨୮।୧(ସମିସ): ବେତନଟୀ ବ୍ଲକ୍ ଆଗ୍ରିଆସ୍ଥିତ ବୀଣାପାଣି ଯୁବକ ସଂଘର ୨୩ ବର୍ଷ ପୂର୍ତ୍ତି ଉପଲକ୍ଷେ ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଆଗ୍ରିଆ ମହୋତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ସଂଗୀତ ଓ ନୃତ୍ୟ, ତର୍କ, ସାଧାରଣ ଜ୍ଞାନ, ଗଳ୍ପ ଲିଖନ ଭଳି ବହୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କ ସହ ବିଶିଷ୍ଟ ସମାଜସେବୀ, ଧର୍ମ ରକ୍ଷା, ଖେଳ, ବୃକ୍ଷରୋପଣ, ସାମାଜିକ କାର୍ଯ୍ୟ, ଅଙ୍ଗନବାଡ଼ି ଦିଦି ପ୍ରମୁଖଙ୍କୁ ଶେଷ ସନ୍ଧ୍ୟାରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବରେ ଓଡ଼ିଶା ଚଳଚ୍ଚିତ୍ରର ସୁପରଷ୍ଟାର ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସରପଞ୍ଚ ମିନତି ସିଂ, କ୍ଲବର ସଭାପତି ଶିବନାରାୟଣ ଘୋଷ, ସମ୍ପାଦକ ଜୀବନ କୁମାର ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଅନୁକୂଳ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଶେଷ ରାତିରେ କଟକର ମେଲୋଡି ଗ୍ରୁପ୍ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିସହ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଯୁବକ ସଂଘର ପ୍ରମୋଦ ନାୟକ, ଜିତେନ୍ଦ୍ର ପରିଡ଼ା, ବ୍ରହ୍ମାନନ୍ଦ ପରିଡ଼ା, ରଞ୍ଜନ ପରିଡ଼ା, ଚନ୍ଦନ ଦାସ, ଚନ୍ଦନ ସେଠୀ, ରଞ୍ଜିତ ବାରିକ, ଶ୍ରୀଧର ଦେହୁରୀ, ତପସ୍ୱୀ ରାଉତ, ପ୍ରଦୀପ ଦାସ, ସୁମନ୍ତ ପରିଡ଼ା, ବୀରକିଶୋର ବିଶ୍ୱାଳ, ବିକାଶ ଦାସ, ଦିଲ୍ଲୀପ ମହାନ୍ତି, ଅରୁପ ରଞ୍ଜନ ଲେଙ୍କା, ରାକେଶ ମହାନ୍ତ, କେଶବ ନାଥ, ସୁଶାନ୍ତ ପରିଡ଼ା, ହରିଶ ପ୍ରଧାନ, ଯଶୋବନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# ଦେଉଳିଆ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଡସାହି, ୨୮।୧(ସମିସ):** ପାଠ ବହିର କେତୋଟି ଅକ୍ଷର ଚିହ୍ନି ପଢ଼ିଦେଲେ ଜଣେ ପାଠୁଆ ହୋଇଯାଏ ସତ; ମାତ୍ର ସେ ଶିକ୍ଷିତ ନୁହଁ। ଯେ ପର୍ଯ୍ୟନ୍ତ ସଂସ୍କାର ଓ ଧର୍ମ ତା' ଆଚରଣରେ ପ୍ରକଟିତ ହୋଇନାହିଁ, ଶୈଶବ ଅବସ୍ଥାରୁ ଆଧାତ୍ମିକ ଓ ନୈତିକ ଶିକ୍ଷା ମଧ୍ୟ ପ୍ରଦାନ କରିବା ଉଚିତ ବୋଲି ବୁଧବାର ଦେଉଳିଆ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।



ସେ ପର୍ଯ୍ୟନ୍ତ ସେ ମଣିଷ ନୁହଁ। ଯଦି ଶିକ୍ଷା ଭିତରେ ମଣିଷପଣିଆ ଓ ମାନବିକତା ଜାଗ୍ରତ ନ ହୁଏ, ତାହା ମୂଲ୍ୟହୀନ। ଏଣୁ ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ପିଲାଙ୍କୁ ଶୃଙ୍ଖଳିତ ଏବଂ ସଂସ୍କାରିତ କରି ଗଢ଼ି ତୋଳିବା ଉଚିତ। ଭାରତୀୟ ସଂସ୍କୃତି, ସଭ୍ୟତା, ଅନୁଶାସନକୁ ମାନିବାକୁ ଏମାନେ ନାରାଜ। ତେଣୁ ଶିଶୁମାନଙ୍କୁ ଏଥିରେ ପ୍ରଧାନଶିକ୍ଷକ ପ୍ରଣବ କୁମାର ପ୍ରଧାନ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରହଲ୍ଲାଦ ପ୍ରଧାନ, ମୁଖ୍ୟବକ୍ତାଭାବେ ପୂର୍ବତନ ଶିକ୍ଷକ ସତ୍ୟାନନ୍ଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ହାଡ଼ିବନ୍ଧୁ ମହାପାତ୍ର, ସମିତି ସଭ୍ୟ ନିହାର ରଞ୍ଜନ ମହାପାତ୍ର, ପ୍ରତିଷ୍ଠାତା ବିଦ୍ୟାଧର ସଦୁଆଳ, ପୂର୍ବତନ ଶିକ୍ଷକ ଅଜୟ କୁମାର ଦ୍ୱିବେଦୀ ବିଷ୍ଣୁଚରଣ ରାଉତ, ରବୀନ୍ଦ୍ର ପ୍ରଧାନ, ସର୍ବେଶ୍ୱର ମଣ୍ଡଳ, ପୂର୍ବତନ ସରପଞ୍ଚ ବୈଦ୍ୟନାଥ ସିଂ ଓ ଶିକ୍ଷା କମିଟି ଚେୟାରମ୍ୟାନ ମନୋରଞ୍ଜନ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଗୌରାଙ୍ଗ ଘୋଷ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କ ଫଟୋଚିତ୍ରରେ ଧୂପପୁଷ୍ପ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୟୂରଭଞ୍ଜ ପୁସ୍ତକମେଳାର ପଞ୍ଚମ ସନ୍ଧ୍ୟା

# ପୁରୁଷୋତ୍ତମ ଯୋଗର ପଞ୍ଚଦଶ ଅଧ୍ୟାୟ ଗାଇଲେ କୁନି ଝିଅ

ବାରିପଦା,୨୮।୧(ସମିସ):

ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକମେଳାର ଆଜି ଥିଲା ପଞ୍ଚମ ଦିବସ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କବି ଡଃ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟିକା ସୁଶ୍ରୀ କାବେରୀ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ଚେତନା ପଟ୍ଟନାୟକ ଦମ୍ପତିଙ୍କ ପାଞ୍ଚବର୍ଷର କୁନିଝିଅ ମୋକ୍ଷଦା ପଟ୍ଟନାୟକ ସୁଲଳିତ ଉଚ୍ଚାରଣରେ କଣ୍ଠସ୍ଥ ଶ୍ରୀମଦଭଗବତ ଗୀତା ପୁରୁଷୋତ୍ତମ ଯୋଗଃର ପଞ୍ଚଦଶ ଅଧ୍ୟାୟ ବୋଲି ସଭାକୁ ସମ୍ପୂର୍ଣ୍ଣ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆଣି ପହଞ୍ଚାଇ ଥିଲେ। ସଭାର ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଉଦ୍‌ବୋଧନ ଦେଇ ପୁସ୍ତକ ହିଁ ସମାଜରେ ଜ୍ଞାନ ବିତରଣର ମାଧ୍ୟମ ଏବଂ ମନକୁ ସ୍ଥିର ଓ ଜୀବନକୁ ଶୃଙ୍ଖଳିତ କରିବାରେ ସହାୟକ ହୋଇଥାଏ। ସ୍ମାର୍ଟଫୋନ୍ କମ୍ପ୍ୟୁଟର ଆଦି ଇଲେକ୍ଟ୍ରୋନିକ ଉଦ୍ଭାବନ ଯଦିଚ ଆଜିର ଦୈନନ୍ଦିନ ଜୀବନ ଧାରାକୁ କେଇଅଂଶରେ ସହଜ ସରଳ କରୁଛି, ହେଲେ ଏହା ପୁସ୍ତକର ଆଦୌ ବିକଳ୍ପ ନୁହଁ ବୋଲି ମତପୋଷଣ କରିଥିଲେ। ମେଳାର ବର୍ଷିୟାନ ଉପ ସଭାପତି ଅଜିତ କୁମାର କବାଟ ମଧ୍ୟ ସଭାରେ ବକ୍ତବ୍ୟ ରଖିଥିଲେ। ସଭା ଶେଷରେ ନୃତ୍ୟାଙ୍ଗନା ସୁଶ୍ରୀ ସିଦ୍ଧି ମେହେଟା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଛାତ୍ରୀ ନୃତ୍ୟଶିଳ୍ପୀଟିକୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ପ୍ରଶଂସା କରିଥିଲେ। ଶେଷରେ ସଦସ୍ୟ ଦୀପକ କୁମାର ଦଣ୍ଡପାଟ ଧନ୍ୟବାଦ ଜ୍ଞାପନ କରିଥିଲେ।





# ସଫା କରିବା ବାହାନାରେ ଲୁଟିନେଲେ ସୁନା ଅଳଙ୍କାର

ଉଦଳା,୨୮।୧(ସମିସ): ସଫା କରିବା ବାହାନାରେ ସୁନା ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଉଦଳା ଥାନା ଏନଏସି ୩ ନମ୍ବର ୱାର୍ଡରେ ଘଟିଛି ଏଭଳି ଘଟଣା। ଗ୍ରାମର ଆଶାଲତା ପୃଷ୍ଟି ଘରେ ଥିବା ବେଳେ ଦୁଇ ଜଣ ଯୁବକ ଆସି ପହଞ୍ଚି କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଏକ ପାଉଡର ସାହାଯ୍ୟରେ ସମସ୍ତ ପିତ୍ତଳ, କଂସା ବାସନ ଏବଂ ସୁନା ଗହଣା ସଫା ହୋଇ ପାରିବ ବୋଲି କହିଥିଲେ। ଏପରିକି କିଛି ପିତ୍ତଳ ବାସନକୁସନ ସଫା କରିବା ପରେ ସୁନା ଅଳଙ୍କାର ମାଗିଥିଲେ। ଆଶାଲତା ପୃଷ୍ଟି ଏବଂ ମଧୁସ୍ମିତା ପୃଷ୍ଟି ନିଜର ସୁନା କାନଫୁଲ ଏବଂ ଚେନ ଦେବା ପରେ ଦୁଇ ଯୁବକ ତାହାକୁ ପାଉଡର ଭିତରେ ସଫା କରିବା ନିମନ୍ତେ ରଖିଥିଲେ ଏବଂ କିଛି ସମୟ ପରେ ଖୋଲିବାକୁ କହିଥିଲେ। ହେଲେ ଖୋଲିଲା ବେଳକୁ ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଲୁଟି ନେଇଥିବା ଜାଣିବାକୁ ପାଇଥିଲେ। ୩ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ଦୁର୍ବୃତ୍ତ ଲୁଟି ନେଇ ଚାଲି ଯାଇଥିବା ଜଣାପଡ଼ିଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



# ମା' ସୁନେଈରୂପେଇ ୟୁଥ୍ କ୍ଲବ୍‌ର ବାର୍ଷିକ କ୍ରୀଡ଼ା



ଠାକୁରମୁଣ୍ଡା,୨୮।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ତାଳପଦା ପଞ୍ଚାୟତର ଖଡ଼ିପାଳ ଗ୍ରାମରେ ମା' ସୁନେଈରୂପେଇ ୟୁଥ୍ କ୍ଲବ୍ ପକ୍ଷରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଳପଦା ପଞ୍ଚାୟତର ସମାଜସେବୀ ସତ୍ୟାନନ୍ଦ ପଲେଇ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଲକ୍ଷ୍ମୀନାରାୟଣ ରାଉତରାୟ, ୱାର୍ଡ ମେମ୍ବର ଗୋବିନ୍ଦ କୁଲାପଡିଆ, ଗ୍ରାମର ମୁଖିଆ ସର୍ବେଶ୍ୱର ଦେହୁରୀ, ଜଗତ ନାଇକ, ରଞ୍ଜିତ କୁଲାପଡିଆ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଦୌଡ଼, ଲମ୍ବଡିଆଁ, ଇନ୍ ଆଉଟ୍, ଲେମ୍ବୁ ଚାମଚ୍, ଶଙ୍ଖଫୁଙ୍କା, କୋଳି ଗୋଟା, ବେଲୁନ ଫଟା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭାପତି ତପନ ସେଠୀ, ସମ୍ପାଦକ ସାଗର କୁଲାପଡିଆ, ସଦସ୍ୟ ଭାଗୀରଥି କୁଲାପଡିଆ, ଲିଟୁ ସେଠୀ, ଜଗତ ଦେହୁରୀ, ରାଜେଶ ସାରପୁରିଆ, ବିଜୁ ସାରପୁରିଆ, ବେଣୁଧର ନାଏକ, ପୁରସ୍ତମ ନାଏକ, ଘୁନା ଦେହୁରୀ, ଭରତ ସାରପୁରିଆ, ଶମ୍ଭୁ ସାରପୁରିଆ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶେଷରେ ନୃତ୍ୟ ପରିବେଷଣ କରାଯାଇଥିଲା। ସୁରେଶ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଗୀତିକାର ଦେବବ୍ରତ ମହାନ୍ତ କଳା ପ୍ରଦର୍ଶନ କରିଥିଲେ। ତପନ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇ ଆଦର୍ଶ ଗ୍ରୁପ ଅଫ ଇନଷ୍ଟିଟ୍ୟୁସନର ବାର୍ଷିକ ଉତ୍ସବ



**ବାରିପଦା, ୨୮।୧(ସମିସ):** ବାରିପଦା ସହରର ରଘୁନାଥପୁରସ୍ଥ ସାଇ ଆଦର୍ଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନରେ ଗଣତନ୍ତ୍ର ଦିବସ ପାଳିତ ହେବା ସହିତ ବାର୍ଷିକ ଉତ୍ସବ ସାଇ ମୂର୍ଚ୍ଛନା -୨୦୨୬ ସାଇ ଆଦର୍ଶ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ସାଇ ଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଆଶିଷ ଦେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଯୋଗଦେଇ ଶିକ୍ଷାନୁଷ୍ଠାନର ପ୍ରଶଂସା କରିବା ସହ ଏଠାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ ସମାଜସେବୀ ମହେନ୍ଦ୍ର ହାଁସଦା ସାଇ ଆଦର୍ଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ମୁଖ୍ୟ ଉପଦେଷ୍ଟା ଡଃ ପୂର୍ଣ୍ଣଚନ୍ଦ୍ର ସାହୁ ଭିତ୍ତିଭୂମି ଓ ଆଗାମୀ ଶିକ୍ଷା ନୀତିକୁ ନେଇ ଯୁଗୋପଯୋଗୀ ଶିକ୍ଷା ପ୍ରଦାନ ବିଷୟ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଜ୍ୟ ସଭାପତି ଡଃ ଦେବେଶ ଶଙ୍କର ହୋତା ଯୋଗଦେଇ ଛୋଟ ଗଳ୍ପ ମାଧ୍ୟମରେ ଉପଦେଶ ଦେଇଥିଲେ। ସାଇ ଆଦର୍ଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶିକା ମୀନାରାଣୀ ସାହୁ ସାଇ ଆଦର୍ଶ ଗ୍ରୁପର ସମସ୍ତ ଶିକ୍ଷାନୁଷ୍ଠାନରେ ସାଧାରଣ ପରିବାରର ଛାତ୍ରଛାତ୍ରୀ ସ୍ୱଳ୍ପ ଖର୍ଚ୍ଚରେ ଶିକ୍ଷା ପାଇପାରିବେ ବୋଲି କହିଥିଲେ। ଉପଦେଷ୍ଟା ପ୍ରଦୀପ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଇ ଆଦର୍ଶ ଇଣ୍ଟରନ୍ୟାସନାଲ ସ୍କୁଲ ଅଧ୍ୟକ୍ଷା ଡଃ ଲକ୍ଷ୍ମୀପ୍ରିୟା ପାଢୀ ଯୋଗ ଦେଇଥିବାବେଳେ ସାଇ ଆଦର୍ଶ ଡିଗ୍ରୀ କଲେଜ ଅଧ୍ୟକ୍ଷ ଜିତେନ୍ଦ୍ର ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିବା ୨୫ ଜଣ ଶିକ୍ଷକଙ୍କୁ ଗୁରୁ ଗୌରବ ସମ୍ମାନ, ବୀଣାପାଣି ଏଜୁ୍ୟକେସନାଲ୍ ଟ୍ରଷ୍ଟ ଆୟୋଜିତ ହୋଇଥିବା ମେଧାବୀ ପରୀକ୍ଷାରେ ପଞ୍ଚମରୁ ଅଷ୍ଟମ ଶ୍ରେଣୀର ୪୦ ଜଣ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ରାଶି ଦେଇ ପୁରସ୍କୃତ କରାଯାଇଥିଲା। ଏଥିସହ ବାର୍ଷିକ କ୍ରୀଡା ଓ ଅନ୍ୟାନ୍ୟ କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

# ଜମିବାଡ଼ି ବିବାଦରୁ ସାନ ଭାଇକୁ ମରଣାନ୍ତକ ଆକ୍ରମଣ

ଉଦଳା,୨୮।୧(ସମିସ): ଭାଇ ସାଜିଲା ଭଗାରୀ। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ସାନଭାଇକୁ କରିଲା ପ୍ରାଣାନ୍ତକ ଆକ୍ରମଣ। ଏଭଳି ଘଟଣା ଘଟିଛି ଉଦଳା ଥାନା ଧାନଘେରା ଛକ ନିକଟରେ। ଗ୍ରାମର ରାଜେଶ ବାରିକ ଧାନଘେରା ମଡେଲ ସ୍କୁଲ ଛକରେ ଖାସି କାଟୁଥିଲେ। ଏହି ସମୟରେ ତାଙ୍କର ଦୁଇ ଭାଇ ଆଶିଷ ବାରିକ ଏବଂ ଅଶ୍ୱିନୀ ବାରିକ ସେଠାରେ ପହଞ୍ଚି ସମସ୍ତ ମାଂସ ଦେଇ ଦେବାକୁ କହିଥିଲେ ଏବଂ ଅତର୍କିତ ଭାବେ ରାଜେଶଙ୍କୁ ଆକ୍ରମଣ କରିଥିଲେ। ରାଜେଶଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ହାଣିବା ସହିତ ଜୀବନରୁ ମାରିଦେବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ରାଜେଶଙ୍କ ପୁଅ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆକ୍ରମଣରେ ରାଜେଶ ଗୁରୁତର ହେବା ପରେ ଦୁଇ ଭାଇ ସେଠାରୁ ଚାଲି ଯାଇଥିଲେ ଏବଂ ପରିବାର ଲୋକେ ଗୁରୁତର ଅବସ୍ଥାରେ ରାଜେଶଙ୍କୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଛନ୍ତି।

